# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19 March – 2025

### News Editor : Tapan Kumar Moharana

**********************************

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ୨୨ହଜାର ୭୩୮ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ଦାବି ପ୍ରସ୍ତାବ ବିଧାନସଭାରେ ଉପସ୍ଥାପନ କଲେ ବିଭାଗୀୟ ମନ୍ତ୍ରୀ ।

- ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ସମ୍ପର୍କିତ ନ୍ୟାୟିକ ତଦନ୍ତ ରିପୋର୍ଟ ସାର୍ବଜନୀନ କରିବା ସମ୍ପର୍କରେ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଲେ ଓଡ଼ିଶା ହାଇକୋର୍ଟ ।

- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏପ୍ରିଲ ମାସ ୨ ତାରିଖରୁ ସକାଳୁ ସ୍କୁଲ ଖୋଲିବ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ବନକଲାଗି ନୀତି ଚାଲିଥିବାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ବନ୍ଦ ରହିଛି ସର୍ବସାଧାରଣ ଦର୍ଶନ ।

# ବିଧାନସଭା-୧

ବିଧାନସଭାର ବଜେଟ୍ ଅଧିବେସନର ଅଷ୍ଟମ ଦିନରେ ଦ୍ୱିତୀୟାର୍ଦ୍ଧ ଅଧିବେଶନରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆଗାମୀ ଆର୍ଥିକ ବର୍ଷ ପାଇଁ ତାଙ୍କ ବିଭାଗର ୨୨ହଜାର ୭୩୮ କୋଟି ୪୬ଲକ୍ଷ ୪୩ହଜାର ଟଙ୍କାର ଖର୍ଚ୍ଚଦାବି ଉପସ୍ଥାପନ କରିଥିଲେ । ଉପବାଚସ୍ପତି ଭବାନୀ ଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଅପରାହ୍ଣ ଅଧିବେଶନରେ ଶ୍ରୀ ମହାଲିଙ୍ଗ ଖର୍ଚ୍ଚଦାବି ଉପସ୍ଥାପନ ସମୟରେ କଂଗ୍ରେସ ଦଳର ନେତା ରାମଚନ୍ଦ୍ର କାଡମ ନିଜ ଆସନରେ ଠିଆହୋଇ ପ୍ରତିବାଦ କରିବା ସହିତ ଅନ୍ୟ ସଦସ୍ୟମାନେ ନାରୀ ନିର୍ଯ୍ୟାତନା ଓ ଆଇନ୍ ଶୃଙ୍ଖଳା ପ୍ରସଙ୍ଗରେ ଗୃହକମିଟି ଗଠନ ପାଇଁ ଦାବି କରିଥିଲେ । ପରବର୍ତ୍ତୀ ସମୟରେ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ । ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା କରିବା ପାଇଁ ଉପବାଚସ୍ପତି ଅନୁମତି ଦେଇଥିଲେ । ପ୍ରଥମାର୍ଦ୍ଧ ଭଳି ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବିଜେଡି ସଦସ୍ୟମାନେ ଗୃହରେ ଶାନ୍ତିଶୃଙ୍ଖଳା ଜାରି ରଖିଥିଲେ ।

ଅଧିବେଶନର ପ୍ରଥମାର୍ଦ୍ଧରେ ବିରୋଧୀ କଂଗ୍ରେସ ଦଳର ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଗୃହକୁ ୨ଥର ମୁଲତବୀ ରଖିଥିଲେ । କଂଗ୍ରେସ ସଦସ୍ୟ ମାନଙ୍କର ହଟ୍ଟଗୋଳ ଯୋଗୁଁ ପୂର୍ବାହ୍ନରେ ପ୍ରଶ୍ନକାଳ ଓ

ଶୂନ୍ୟକାଳ ସମେତ ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ହୋଇପାରିନଥିଲା ।

## ବିଧାନସଭା-୨

ରାଜ୍ୟରେ ସମୁଦାୟ ୧୩୩ଟି ଶୀତଳ ଭଣ୍ଡାର ରହିଛି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଆଜି ଗୃହରେ ସୂଚନା ଦେଇଛନ୍ତି । ବିଧାୟକ ଗଣେଶ୍ୱର ବେହେରାଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ବଳସାମନ୍ତ କହିଛନ୍ତି ମୋଟ୍ ଶୀତଳ ଭଣ୍ଡାର ମଧ୍ୟରୁ ୯୮ଟି ଅଚଳ ରହିଛି । ୨୨ଟି ସରକାରୀ ଶୀତଳ ଭଣ୍ଡାର ମଧ୍ୟରୁ ୧୮ଟି ସମବାୟ ଶୀତଳ ଭଣ୍ଡାର ଏବଂ ୪ଟି ଉଦ୍ୟାନ କୃଷି ବିଭାଗର ଶୀତଳ ଭଣ୍ଡାର ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ ସୂଚନା ଦେଇଛନ୍ତି ।

## ବିଧାନସଭା-୩

ରାଜ୍ୟରେ ୯ଲକ୍ଷ ୫ହଜାର ଭାଗଚାଷୀ ଅଛନ୍ତି ବୋଲି ବିଧାନସଭାରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି । ୨୦୧୫-୧୬ କୃଷିଗଣନା ଅନୁସାରେ କୃଷକମାନଙ୍କୁ ସଶକ୍ତ ଓ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଅଣଚାଳିଶିଟି ଯୋଜନା ପ୍ରଣୟନ କରିଛନ୍ତି । ଏହି ଯୋଜନା ଗୁଡ଼ିକ ମାଧ୍ୟମରେ ଭାଗଚାଷୀମାନଙ୍କୁ କୃଷିଋଣ, ବିଭିନ୍ନ କିଶମର ବିହନ, ସାର, ଯନ୍ତ୍ରପାତି ଇତ୍ୟାଦି ରିହାତି ଦରରେ ଯୋଗାଇ ଦିଆଯାଉଛି । ବଳରାମ ଯୋଜନା ମାଧ୍ୟମରେ ଭାଗଚାଷୀମାନଙ୍କ

ଚାଷକାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସରକାର ଦେଉଛନ୍ତି ବୋଲି ଗୃହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ।

## ହାଇକୋର୍ଟ-ରତ୍ନଭଣ୍ଡାର ଚାବି

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ସମ୍ପର୍କରେ ହୋଇଥିବା ନ୍ୟାୟିକ ତଦନ୍ତର ରିପୋର୍ଟ ସାର୍ବଜନୀନ କରାଯିବା ନେଇ ଓଡ଼ିଶା ହାଇକୋର୍ଟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି । ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରିବା ନେଇ ଦାୟର ହୋଇଥିବା ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ସରକାରଙ୍କ ଠାରୁ ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଚାହିଁଛନ୍ତି । ସୂଚନାଯୋଗ୍ୟ ଗତବର୍ଷ ଜାନୁଆରୀ ମାସରେ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ରତ୍ନଭଣ୍ଡାର ଚାବି ହଜିବା ନ୍ୟାୟିକ ତଦନ୍ତର ରିପୋର୍ଟ ସାର୍ବଜନୀନ କରା ନଯିବା ନେଇ ପ୍ରଥମ ସତ୍ୟପାଠ ଦାଖଲ ହୋଇଥିଲା । ପରବର୍ତ୍ତୀ ସମୟରେ ୨୦୨୪ ମସିହା ଏପ୍ରିଲ ମାସ ୫ ତାରିଖରେ ଅନ୍ୟଏକ ସତ୍ୟପାଠ ଜରିଆରେ ସରକାର ରିପୋର୍ଟକୁ ସାର୍ବଜନୀନ କରିବା ପାଇଁ ହାଇକୋର୍ଟକୁ ଜଣାଇଥିଲେ ।

## ତୋଷାଳୀ ମେଳା

ଊନବିଂଶ ତୋଷାଳୀ ଜାତୀୟ ହସ୍ତତନ୍ତ ମେଳା-୨୦୨୫ ଆଜି ଆରମ୍ଭ ହେଉଛି । ଭୁବନେଶ୍ୱର ଜନତା ମଇଦାନରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଳାରେ ୬୫୦ରୁ ଊର୍ଦ୍ଧ୍ୱ ଷ୍ଟଲ୍ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ‘ଶିଳ୍ପ ସୃଜନୀ’ ଥିମ୍ ପାଭିଲିୟନ୍

ପ୍ରସ୍ତୁତ କରାଯାଇଛି । ଏହି ମେଳା ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂସ୍କୃତିର ନିଦର୍ଶନ ହେବ ବୋଲି ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ।

## ଓ୍ୱେବ୍ସ କର୍ମଶାଳା

ବିଶ୍ୱ ଅଡିଓ ଭିଜୁଆଲ ଏବଂ ମନୋରଞ୍ଜନ ଶିଖର ସମ୍ମିଳନୀ-ଓ୍ୱେଭ୍ସ'ର ଏକ କର୍ମଶାଳା ଆସନ୍ତାକାଲି ଭୁବନେଶ୍ୱରର ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଅନୁଷ୍ଠିତ ହେବ। କର୍ମଶାଳାକୁ କେନ୍ଦ୍ର ଦକ୍ଷତା ବିକାଶ ଓ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ ଉଦ୍‌ଘାଟନ କରିବେ। ଅପରାହ୍ନ ୨ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି କର୍ମଶାଳାରେ ଉଦ୍ୟୋଗୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଆର୍ଥିକ ବୃଦ୍ଧି ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ୍ ଦକ୍ଷତା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଓ୍ୱେଭ୍ସ୍ ହେଉଛି ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଯାହାକି, ସମଗ୍ର ଗଣମାଧ୍ୟମ ଓ ମନୋରଞ୍ଜନ କ୍ଷେତ୍ରକୁ ଏକାଠି କରି ମଇ ମାସ ୧ ତାରିଖରୁ ୪ ତାରିଖ ପର୍ଯ୍ୟନ୍ତ ମୁମ୍ବାଇଠାରେ ଏକ ସମ୍ମିଳନୀର ଆୟୋଜନ କରାଯିବ।

## ସକାଳୁଆ ସ୍କୁଲ

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ମାସ ୨ତାରିଖରୁ ସକାଳୁ ସ୍କୁଲ ଖୋଲାଯିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ

ପୂଜାରୀ କହିଛନ୍ତି । ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଖୋଲିବାପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି ।

**- V/O -**

ସରକାରୀ ଓ ବେସରକାରୀ କ୍ଷେତ୍ରରେ ଶ୍ରମିକମାନଙ୍କର କାର୍ଯ୍ୟସମୟ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବନ୍ଦ ରଖିବା ଏବଂ ବିଦ୍ୟୁତ୍ ସରବରାହରେ ବ୍ୟାହତ କମ୍ କରିବାପାଇଁ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ।

ସୂଚନାଯୋଗ୍ୟ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜନିତ ଜିରୋ କାଜୁଆଲିଟି-ଶୂନ୍ୟ ମୃତାହତ ଲକ୍ଷ୍ୟରେ କାର୍ଯ୍ୟ କରିବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ସମୀକ୍ଷା ବୈଠକରେ ନିଷ୍ପତ୍ତି ନିଆଯାଇଛି ।

## ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଚୈତ୍ର କୃଷ୍ଣ ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେଉଛି। ବନକଲାଗି ଗୁପ୍ତ ନୀତି ସମ୍ପାଦନ ସମୟରେ ଶ୍ରୀଜୀଉମାନଙ୍କର ସର୍ବସାଧାରଣ ଦର୍ଶନ ଆଜି ଅପରାହ୍ଣ ୫ଟାରୁ ୫ ଘଣ୍ଟା ପାଇଁ ବନ୍ଦ ରହିଛି। ବନକଲାଗି ନୀତି ଜାରି ରହିଥିବାରୁ ଆଜି ଓ ଆସନ୍ତାକାଲି ଦୁଇଦିନ ପାଇଁ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରଖାଯାଇଛି।

## ବୈଠକ

କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେଙ୍କ ଅଧ୍ୟକ୍ଷତାରେ ଉତ୍କଳ ଦିବସ ପ୍ରସ୍ତୁତି ବୈଠକ ହୋଇଯାଇଛି । ଉତ୍କଳ ଦିବସର ବିଶେଷତ୍ୱ ସମ୍ବନ୍ଧରେ ଅବଗତ କରାଇବା ପାଇଁ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବାରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ସ୍ତରରେ ଓଡ଼ିଆ ଭାଷାରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା କରିବା ପାଇଁ ଜିଲ୍ଲାପାଳ ଜିଲ୍ଲା ଶିକ୍ଷା ବଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ।

## ପଞ୍ଚୁଦୋଳ ଯାତ୍ରା

ନୟାଗଡ ଜିଲ୍ଲା ରଣପୁରଠାରେ ପଞ୍ଚଦୋଳ ଯାତ୍ରା ଅନୁଷ୍ଠିତ ହୋଇଛି । ଯାତ୍ରାରେ ୧୧୦ ଦୋଳଙ୍କ ମହାମିଳନ ହୋଇଥିଲା । ମଣିନାଗ ଦେବୀଙ୍କ ଯଜ୍ଞର ପୂର୍ଣ୍ଣାହୂତୀ ପରେ ମଣିନାଗ ଦୋଳଗୋବିନ୍ଦ ପଞ୍ଚ ମହାଦେବଙ୍କ ସମେତ ଅନ୍ୟାନ୍ୟ ଦୋଳଗୁଡ଼ିକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ଭଦ୍ରକ ଜିଲ୍ଲା ଚରମ୍ପା ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପ୍ରମୋଥ କୁମାର ପାଣିଙ୍କ ଅଧ୍ୟକ୍ଷତାରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ଅଧ୍ୟାପିକା ଏବଂ ପ୍ରଶିକ୍ଷକମାନେ ଯୋଗଦେଇ ଛାତ୍ରୀମାନେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ଏବଂ ସମସ୍ତ ସ୍ଥିତିର ମୁକାବିଲା

କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ । ଶିବିରରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଶିବିର ୮ଦିନ ଧରି ଚାଲିବ ।

## ସଚେତନତା କର୍ମଶାଳା

ପୁରୀ ସମୁଦ୍ର ଉପକୂଳରେ ଚଳପ୍ରଚଳ କରୁଥିବା ବିରଳ ଅଲିଭ ରିଡ୍‌ଲେ କଇଁଛ ଇରାୱାଡି ଡଲଫିନ ସଂରକ୍ଷଣ ଓ ସୁରକ୍ଷା ନେଇ ଏକ ଦିନିକିଆ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବନବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ଲୋକମାନଙ୍କୁ କଇଛ ଓ ଡଲଫିନଙ୍କ ସୁରକ୍ଷା ପାଇଁ ସରକାରୀ ସ୍ତରରେ ନିଆଯାଉଥିବା ପଦକ୍ଷପ ଗୁଡ଼ିକ ସମ୍ପର୍କରେ ଅବଗତ କରାଯାଇଥିଲା । ବନବିଭାଗ ପକ୍ଷରୁ ଗତ ୧ମାସ ଧରି ଉଭୟ ପ୍ରାଣୀଙ୍କୁ ସୁରକ୍ଷା ଦେବା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

## ପାଣିପାଗ

ପଶ୍ଚିମ ଓଡ଼ିଶାର ଜିଲ୍ଲାଗୁଡ଼ିକ ସମେତ ରାଜ୍ୟର ପ୍ରାୟ ଅନେକ ସ୍ଥାନରେ ଗତ ଏକ ସପ୍ତାହ ଧରି ତାପମାତ୍ରା କ୍ରମାଗତ ବୃଦ୍ଧି ପାଇବା ପରେ ଆଜି ସାମାନ୍ୟ ହ୍ରାସ ପାଇଛି । ବଲାଙ୍ଗୀର, ସୁନ୍ଦରଗଡ, ଝାରସୁଗୁଡା, ଟିଟିଲାଗଡକୁ ବାଦ୍‌ଦେଲେ ରାଜ୍ୟର ଅନ୍ୟସବୁ ସ୍ଥାନର ତାପମାତ୍ରା ୪୦ଡିଗ୍ରୀରୁ କମ୍ ଥିଲା । ଆଜି ଦିନର ସର୍ବାଧିକ ତାପମାତ୍ରା ବଲାଙ୍ଗୀରରେ ୪୧ ଦଶମିକ ୧ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଅନ୍ୟପକ୍ଷରେ

ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ଜଙ୍ଗଲ ନିଆଁକୁ ରୋକିବା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । ବନବିଭାଗ ପକ୍ଷରୁ ଏକ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ବିଧାନସଭାରେ କହିଛନ୍ତି ।